

ନୀତି ଭାରତୀ

ଯେଉଁମାନେ ସେମାନଙ୍କ ସ୍ୱପ୍ନର ସୌନ୍ଦର୍ଯ୍ୟରେ ବିଶ୍ୱାସ କରନ୍ତି, ଭବିଷ୍ୟତ ସେଇମାନଙ୍କର ହିଁ ହୋଇଥାଏ। - **ଏଲିନର୍ ରୁଜ୍‌ଭେଲ୍ଟ**

ପାକିସ୍ତାନକୁ ଶିକ୍ଷା

ପକା କମ୍ବଳ ପୋତ ଛତା

ମାର୍ଶାଲ ପଣ୍ଡା

ଗତ ମାସରେ ନିୟନ୍ତ୍ରଣ ରେଖାରେ ପାକିସ୍ତାନୀ କାର୍ଯ୍ୟାନୁଷ୍ଠାନ ଫଳରେ ଭାରତୀୟ ସେନାର ଜଣେ ଅଫିସରଙ୍କ ସମେତ ଚାରିଜଣ ସୈନିକ ବୀରଗତି ପ୍ରାପ୍ତ ହେଲେ। ପ୍ରତିଶୋଧାତ୍ମକ କାର୍ଯ୍ୟାନୁଷ୍ଠାନ ରୂପରେ ଭାରତୀୟ ସେନା ନିୟନ୍ତ୍ରଣ ରେଖା ଅତିକ୍ରମ କରି ପାକ୍- ଅଧିକୃତ କଶ୍ମୀରସ୍ଥିତ କେତେକ ଆତଙ୍କବାଦୀ ପ୍ରେକ୍ଷଣ ଶିବିରକୁ ଧ୍ୱଂସ କରିଦେଲା। କେତେକ ପାକିସ୍ତାନୀ ଯବାନ୍ ମୃତାହତ ହେଲେ। ଆଗରୁ ମଧ୍ୟ ସର୍ଜିକାଲ ଷ୍ଟ୍ରାଇକ୍ ହୋଇଛି। କିନ୍ତୁ ଆଶାନୁରୂପ ପରିମାଣରେ ଅନୁପ୍ରବେଶର ହ୍ରାସ ଘଟିନାହିଁ କିମ୍ବା କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ ହୋଇନାହିଁ। ୨୦୧୬ରେ ୨୨୧ଟି ଯୁଦ୍ଧ ବିରତି ଖିଲାପ ଘଟଣା ଘଟିଥିବା ବେଳେ ୨୦୧୭ରେ ଏହା ବୃଦ୍ଧି ପାଇ ୮୨୦ରେ ପହଞ୍ଚିଲା। ଭାରତୀୟ ସେନାଧ୍ୟକ୍ଷ କହିଲେ, କଶ୍ମୀରରେ ଶାନ୍ତି ଫେରିବାର ସୁରାକ୍ ମିଳିବା ମାତ୍ରେ ସୀମା ଆରପାରିରୁ ହସ୍ତକ୍ଷେପ ହେଉଛି। ତେବେ ଘଟଣାର ପୁନରାବୃତ୍ତି ଘଟୁଛି କାହିଁକି ? ଏହାର ଏକ ସମାନ୍ତରାଳ ଉପମା ସ୍ୱର୍ଗତ ବିଶ୍ଳେଷକ ଏୟାର୍ କମୋଡର ଜଶ୍‌ଜିତ୍ ସିଂହଙ୍କ କଥନରୁ ମିଳିବ- ଇତିହାସ ସାକ୍ଷୀ ଅଛି ଯେ, ଯେତେ ବି ବିଦେଶୀ ଆକ୍ରମଣ ଭାରତ ଉପରେ ହୋଇଛି, ଖଇବର ଗିରିପଥ ନିକଟରେ ହୋଇଛି। କିନ୍ତୁ ଶତ୍ରୁକୁ ପ୍ରାୟ ସାତଶହ କିଲୋମିଟର ଦୂରରେ ପାନିପଥ ନିକଟରେ ମୁକାବିଲା କରାଯାଇଛି। ପାକିସ୍ତାନ ରାସ୍ତାକୁ ଆସୁନାହିଁ କାହିଁକି ? ଏହାର ଏକମାତ୍ର ଉତ୍ତର ହେଲା, ଭାରତ ଏ ପର୍ଯ୍ୟନ୍ତ ପାକିସ୍ତାନକୁ ଭାରତ ବିରୋଧୀ କାର୍ଯ୍ୟକଳାପରୁ ନିବୃତ୍ତ ରହିବା ଲାଗି ବାଧ୍ୟ କରିପାରି ନାହିଁ। ଆଉ ଗୋଟିଏ ନକାରାତ୍ମକ ବିନ୍ଦୁ ରହିଯାଇଛି। ଏଠାରେ ସ୍ତମ୍ଭକାର ଜେନେରାଲ୍ ମେହେଟ୍ଟାଙ୍କ ଉକ୍ତି ପ୍ରଣିଧାନଯୋଗ୍ୟ। ଭାରତର ଅଭ୍ୟନ୍ତରରେ ସ୍ଥିତ ସ୍ଥାନମାନଙ୍କୁ ହତ୍ୟା ଓ ଲୁଟ୍‌ତରାଜ ପାଇଁ ପାକିସ୍ତାନ ଜିହାଦୀ ପଠେଇ ପାରୁଛି, ମାତ୍ର ଭାରତୀୟ କାର୍ଯ୍ୟାନୁଷ୍ଠାନ ନିୟନ୍ତ୍ରଣ ରେଖାର କେତେ ଶହ ମିଟର ମଧ୍ୟରେ କିମ୍ବା ପାଞ୍ଚ କିଲୋମିଟର ମଧ୍ୟରେ। ସୂର୍ଯ୍ୟୋଦୟ ପୂର୍ବରୁ ବିଶେଷ ସୈନ୍ୟବଳ ଫେରିବାକୁ ବାଧ୍ୟ। ତେବେ ନିୟନ୍ତ୍ରଣ ରେଖା ଉପରେ ଭାରତର ଆଧିପତ୍ୟ ରହିଛି। ଏହା କିନ୍ତୁ ପାକିସ୍ତାନକୁ ବାଧ୍ୟ କରିବାକୁ ଯଥେଷ୍ଟ ନୁହେଁ। ନିୟନ୍ତ୍ରଣ ରେଖା ଏକ ସାମରିକ ରେଖା ହୋଇ ଥିବାରୁ କିଛି ପରିମାଣର ଉଷ୍ମତା ଆଶା କରାଯାଇପାରେ। ସାମରିକ ବଳଦ୍ୱାରା ଏହା କିଛି ପରିମାଣରେ ପରିବର୍ତ୍ତିତ ମଧ୍ୟ ହୋଇପାରେ। ମାତ୍ର ପାକିସ୍ତାନ ସହିତ ଥିବା ଆନ୍ତର୍ଜାତିକ ସୀମାରେଖାରେ ଏହା ସମ୍ଭବ ନୁହେଁ। କାରଣ ସୀମାପାର ମାନେ ଯୁଦ୍ଧ ଏବଂ ନାଭିକୀୟ ଛାୟା (ନ୍ୟୁକ୍ଲିୟର୍ ସ୍ୟାଡୋ)ରେ ଯୁଦ୍ଧ ଏକ ବାଞ୍ଛନୀୟ ବିକଳ୍ପ ହୋଇ ରହିନାହିଁ।

ଅସଲ କଥାଟି ହେଲା, ସତୁରୀ ବର୍ଷ ଧରି ପାକିସ୍ତାନର ଘୃଣା ଓ ଶତ୍ରୁତାପୂର୍ଣ୍ଣ କାର୍ଯ୍ୟକଳାପର ଶିକାର ହେବା ପରେ ମଧ୍ୟ ଆମେ ପାକିସ୍ତାନୀ ସେନାକୁ ତା'ର କାର୍ଯ୍ୟକଳାପରୁ ନିବୃତ୍ତ ରହିବାକୁ ଆବଶ୍ୟକୀୟ ଚାପ ସୃଷ୍ଟି କରିପାରି ନାହୁଁ କିମ୍ବା ଏକ ଦୀର୍ଘକାଳୀନ ରଣନୀତି ପ୍ରସ୍ତୁତ କରିପାରି ନାହୁଁ। ଲରେନ୍ସ ଫ୍ରିଡ୍‌ମାନଙ୍କ ଅନୁସାରେ, ରଣନୀତି ହେଲା ଆବଶ୍ୟକୀୟ ଲକ୍ଷ୍ୟ ନିର୍ଦ୍ଧାରଣ, ଏଥିପାଇଁ ସମ୍ବଳ ଆହରଣ ଏବଂ ଲକ୍ଷ୍ୟ ହାସଲ ପାଇଁ ଯୋଜନା। ଏସବୁ ଯୋଜନାବଦ୍ଧ ଭାବରେ ହୋଇନାହିଁ। ଯାହା ବି ହୋଇଛି, ପାକିସ୍ତାନୀ କ୍ରିୟାର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରତୀୟ ପାର୍ଲାମେଣ୍ଟର ବିଦେଶ ବ୍ୟାପାର କମିଟି ମଧ୍ୟ ଏହା ସଜ୍ଞାନକୁ ନେଇଛି। କମିଟି ତା'ର ରିପୋର୍ଟରେ ଦର୍ଶାଇଛି- ଆତଙ୍କବାଦ, ବିଦ୍ରୋହ, ଆତଙ୍କବାଦୀ ଆକ୍ରମଣ, ଅମୀମାଂସିତ ସୀମାରେଖା ଇତ୍ୟାଦି ଦୃଷ୍ଟିରୁ କମିଟି ଦୃଢ଼ ଭାବରେ ଅନୁଭବ କରେ ଯେ ପାକିସ୍ତାନ ପ୍ରତି ଏକ ଯୁକ୍ତିଯୁକ୍ତ ନୀତି ଏବଂ ଜାତୀୟ ସୁରକ୍ଷା ପଦ୍ଧତି ଆବଶ୍ୟକ।

ପାରମ୍ପରିକ ଭାବରେ ଆପଦ ଆକଳନରେ ଦିଲ୍ଲୀ ଚୀନ୍ ପ୍ରକଳ୍ପିତ ବିପଦ ପ୍ରତି ମାତ୍ରାନ୍ୟୂନ ପ୍ରତିକ୍ରିୟା ଓ ପାକିସ୍ତାନ ପ୍ରକଳ୍ପିତ ବିପଦ ପ୍ରତି ମାତ୍ରାଧିକ ପ୍ରତିକ୍ରିୟା ଦେଖାଇଛି। ସେଥିରେ ମଧ୍ୟ ଦୃଢ଼ତା ରହିନାହିଁ। ରଣନୀତି ବିଶେଷଜ୍ଞ ପ୍ରଫେସର ବ୍ରହ୍ମା ଚେଲ୍ଲାନୀ କହନ୍ତି- ଭାରତର ପାକିସ୍ତାନ ନୀତିରେ ସବୁଠାରୁ ବଡ଼ ଦୁର୍ବଳତା ହେଲା, ଏକ ଅପରିବର୍ତ୍ତନଶୀଳ ପାକିସ୍ତାନ ନୀତି ନାହିଁ। ଖାଲି କେତେ ମାସ ଧରି ନୀତି ଟାଣ ରହେ। ଦୀର୍ଘକାଳ ଧରି ପାକିସ୍ତାନର 'ହଜାରେ କ୍ଷତର ମୃତ୍ୟୁ' ରଣନୀତିର ଉତ୍ତରରେ ଭାରତର ନୀତି ହୋଇଛି- 'ହଜାରେ ବ୍ୟାଣ୍ଡେଜ୍'ରେ ଜୀବନ ରକ୍ଷା।

ଅନ୍ୟ କ୍ଷେତ୍ରରେ ପାକିସ୍ତାନକୁ ଅପଦସ୍ତ ଓ ବାଧ୍ୟ କରିବାକୁ ଅନେକ ବିଷୟ ରହିଛି। ଆନ୍ତର୍ଜାତିକ ଦରବାରରେ ପାକିସ୍ତାନକୁ ଉତ୍ତର କୋରିଆ ସମକକ୍ଷ ଆଣବିକ ଅପରାଧୀ ରୂପେ ଆମେ ପ୍ରତିପାଦନ କରିପାରି ନାହୁଁ। ପାକିସ୍ତାନର ସଂଖ୍ୟାଲଘୁ ନରସଂହାରକୁ ମଧ୍ୟ ଏ ପର୍ଯ୍ୟନ୍ତ ସଠିକ୍ ରୂପେ ବିଶ୍ୱ ଦରବାରରେ ଉପସ୍ଥାପିତ କରାଯାଇ ପାରିନାହିଁ। ଭାରତ ହିତରେ ଏହା ଆବଶ୍ୟକ, କାରଣ ସଂଖ୍ୟାଲଘୁଙ୍କ ଉପସ୍ଥିତି ହିଁ ସମାଜକୁ ନରମ କରିଥାଏ। ଏହା ବିନା ସମ୍ପର୍କରେ ତିକ୍ତତା ସବୁଦିନ ଲାଗି ରହିବ। ପାକିସ୍ତାନକୁ ଆତଙ୍କବାଦୀ ରାଷ୍ଟ୍ର ଘୋଷଣା କରିବାକୁ ଭାରତ ଯୁକ୍ତରାଷ୍ଟ୍ର ଉପରେ ଚାପ ପକାଉଛି। କିନ୍ତୁ ଏ ପର୍ଯ୍ୟନ୍ତ ଆମେ ପାକିସ୍ତାନକୁ ଆତଙ୍କବାଦୀ ରାଷ୍ଟ୍ର ଘୋଷଣା କରିନାହୁଁ। ଅର୍ଥନୈତିକ କ୍ଷେତ୍ରରେ ଭାରତ ଯଦି ସିନ୍ଧୁନଦୀ ଚୁକ୍ତି ଅନୁସାରେ ଆଇନତଃ ନିଜ ଭାଗର ଜଳ ବ୍ୟବହାର କରେ, ପାକିସ୍ତାନରେ ହାହାକାର ସୃଷ୍ଟି ହେବ। ଏ ଦିଗରେ ଅବଶ୍ୟ ବର୍ତ୍ତମାନ କାମ ଆରମ୍ଭ ହୋଇ ଗଲାଣି। ବାଣିଜ୍ୟ କ୍ଷେତ୍ରରେ ପାକିସ୍ତାନକୁ ଆଦରଣୀୟ ଦର୍ଜା (ମୋଷ୍ଟ ଫେଭରଡ୍ ନେସନ୍) ଦିଆଯାଇଛି। ପାକିସ୍ତାନ କିନ୍ତୁ ଦେଇନାହିଁ ଏବଂ ନଦେବା ସତ୍ତ୍ୱେ ଭାରତ ଏହାକୁ ପ୍ରତ୍ୟାହାର କରିନାହିଁ।

ଜଣେ ସୁରକ୍ଷା ବିଶ୍ଳେଷକଙ୍କ ମତରେ, ସୀମାରେ ଶହଶହ ପାକିସ୍ତାନୀ ସୈନ୍ୟ ମୃତାହତ ହେଲେ ମଧ୍ୟ ଏହାର ପ୍ରଭାବ ସେନାର ହାଇକମାଣ୍ଡ ଉପରେ ପଡ଼ିବ ନାହିଁ। କାରଣ, ପାକିସ୍ତାନୀ ସେନାର ବ୍ରିଗେଡିୟରରୁ ତଳ ପାହ୍ୟା ଅଫିସର/ ଯବାନ୍‌ଙ୍କ ମୂଲ୍ୟ ନାହିଁ। ଏମାନଙ୍କୁ ଜବତ କରିବାକୁ ହେଲେ 'ଫୌଜୀ ଫାଉଣ୍ଡେସନ'କୁ କ୍ଷତି ପହଞ୍ଚାଇବାକୁ ପଡ଼ିବ। ଦ୍ରଷ୍ଟବ୍ୟ ଯେ ଫୌଜୀ ଫାଉଣ୍ଡେସନ ମାଧ୍ୟମରେ ପାକିସ୍ତାନୀ ସେନା ହଜାର ହଜାର କୋଟି ଟଙ୍କାର ବ୍ୟବସାୟ କରେ।

ଅନ୍ୟ ଏକ ମତ ହେଲା, ନିୟନ୍ତ୍ରଣ ରେଖାରେ ଭାରତୀୟ ଆକ୍ରମଣର ଗଭୀରତା ବୃଦ୍ଧି ପାଇବା ଉଚିତ। ସ୍ଥଳଯୁଦ୍ଧ ଅଧ୍ୟୟନ ସଂସ୍ଥାର ନିର୍ଦ୍ଦେଶକ ରହି ସାରିଥିବା ବ୍ରିଗେଡିୟର ଗୁରମିତ୍ କନ୍‌ୱଲ୍‌ଙ୍କ ଅନୁସାରେ, ପ୍ରତ୍ୟେକ ଆତଙ୍କବାଦୀ ଘଟଣା ପରେ ସେହି ଅନୁପାତରେ ଭାରତୀୟ ପ୍ରତ୍ୟୁତ୍ତରର ତୀବ୍ରତା ଓ ପରିମାଣ ବୃଦ୍ଧି ପାଇବା ଉଚିତ। ବିଶେଷ ଧରଣର ଗୋଳାରେ ବାଟାଲିୟନ୍, ବ୍ରିଗେଡ୍ ମୁଖ୍ୟାଳୟ ଯୋଗାଯୋଗ ଓ ସଞ୍ଚାର ଭିତ୍ତିଭୂମିସବୁକୁ ଧ୍ୱସ୍ତ କରାଯିବା କଥା। ଯେଉଁ ପାକିସ୍ତାନୀ ଶିବିର ତରଫରୁ ଅନୁପ୍ରବେଶ ଘଟୁଛି, ତାକୁ ମାଟିରେ ମିଶାଇ ଦିଆଯାଉ। ପାକିସ୍ତାନୀ ସେନା ରକ୍ତାକ୍ତ ହେଲେ ଯାଇଁ ଆଇଏସ୍‌ଆଇର ଚେତା ପଶିବ।

ପାକିସ୍ତାନର ବେସାମରିକ ସମାଜରେ ଅନେକ ଫାଟ ରହିଛି। ଭାରତ ଏସବୁକୁ ବ୍ୟବହାର କରିବାକୁ କେବେ ଦୃଷ୍ଟି ଦେଇନାହିଁ। ପାକିସ୍ତାନର ଆଇଏସ୍‌ଆଇ କିନ୍ତୁ ଭାରତ ବିରୁଦ୍ଧରେ ବ୍ୟବହାର କରୁଛି। ସମୁଦାୟ ପାକିସ୍ତାନର ପଞ୍ଚାବନ ପ୍ରତିଶତ ଅଞ୍ଚଳରେ କୌଣସି ନା କୌଣସି ରୂପରେ ସଶସ୍ତ୍ର ବିଦ୍ରୋହ ଜାରି ରହିଛି। ଭାରତ କିନ୍ତୁ ଫଳପ୍ରଦ ଭାବରେ ଏଥିରେ ହସ୍ତକ୍ଷେପ କରିନାହିଁ। ଆଇଏସ୍‌ଆଇ ସୁନ୍ନି ମୌଳବାଦୀଙ୍କ ଦ୍ୱାରା ସଂଖ୍ୟାଲଘୁ ସିହା, ଅହମଦୀ, ଖ୍ରୀଷ୍ଟିଆନ୍, ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର କରେ। ଏମାନଙ୍କ ଅସନ୍ତୋଷକୁ ମଧ୍ୟ ଭାରତ ବ୍ୟବହାର କରିନାହିଁ। ଇସ୍ରାଏଲ୍ ଭଳି ଯେସାକୁ ତେସା ନୀତି ଅବଲମ୍ବନ କରିବାକୁ ଦିଲ୍ଲୀ ସଙ୍କଳ୍ପ ବା ଇଚ୍ଛାଶକ୍ତି ଦେଖାଇନାହିଁ। ଏସବୁ କେବଳ ଗୁପ୍ତଚର ସଂସ୍ଥା ମାଧ୍ୟମରେ ସମ୍ପାଦିତ ହୁଏ ଏବଂ 'ର'ର ପୂର୍ବତନ ମୁଖ୍ୟ ଡୁଲାଟ୍‌ଙ୍କ ଭାଷାରେ- ଗୁପ୍ତଚର ପ୍ରକ୍ରିୟାର ସଞ୍ଚାଳନ କେବଳ ପାପୀମାନଙ୍କ ବାବଦରେ।

ଆମର ମଧ୍ୟ ଆନୁଷ୍ଠାନିକ ଦୁର୍ବଳତାମାନ ରହିଛି। ସୁରକ୍ଷା ମାମଲା ସମ୍ବନ୍ଧରେ ଭାରତ ସବୁବେଳେ ସ୍ଥିତାବସ୍ଥା ସପକ୍ଷରେ। ଏହି ମାନସିକତାରୁ ବାହାରିବାକୁ ପଡ଼ିବ। ଭାରତ ବାହାରେ ଶକ୍ତି ପ୍ରକଳ୍ପନ ନିମନ୍ତେ ପଦକ୍ଷେପ ନେବାକୁ ପଡ଼ିବ। ଭାରତୀୟ ବାୟୁସେନାର ପଶ୍ଚିମ କମାଣ୍ଡର ପୂର୍ବତନ ମୁଖ୍ୟ ଏୟାର୍ ମାର୍ଶାଲ୍ ଏ କେ ସିଂହଙ୍କ ଅନୁସାରେ- ସରକାର ଆମକୁ ବିଦେଶକୁ ଶକ୍ତି ପ୍ରକଳ୍ପନ ପାଇଁ ନ କହିଲେ, ଆମେ ରଣନୀତି କେମିତି ପ୍ରସ୍ତୁତ କରିବୁ ? ବିଶେଷଜ୍ଞମାନଙ୍କ ଅନୁସାରେ, ଡୋକ୍‌ଲାମ୍‌ରେ ଭାରତ ସଫଳ ହେଲା, କାରଣ ଭାରତର ରଣନୀତିକ ଭଙ୍ଗୀ ଚୀନ୍‌କୁ ସୂଚାଇ ଦେଲା ଯେ ଜାତୀୟ ସ୍ୱାର୍ଥର ରକ୍ଷା ପାଇଁ ଭାରତ ଅନେକ ଦୂର ଯିବାକୁ ପ୍ରସ୍ତୁତ। ଏ ପ୍ରକାରର ବାର୍ତ୍ତା ଆମେ ପାକିସ୍ତାନୀ ସେନାକୁ ଦେଇପାରି ନାହୁଁ। ପ୍ରତିଶୋଧାତ୍ମକ ସାମରିକ କାର୍ଯ୍ୟାନୁଷ୍ଠାନ, ଆତଙ୍କବାଦୀ ଘଟଣା ସଂଘଟିତ ହେବାର ସଙ୍ଗେ ସଙ୍ଗେ ହେବା କଥା। ବିଳମ୍ବିତ, ଦୃଢ଼ତାହୀନ ଓ ଅସ୍ପଷ୍ଟ ପ୍ରତ୍ୟୁତ୍ତର ଶତ୍ରୁକୁ କେବଳ ଭୁଲ୍ ବାର୍ତ୍ତା ଦିଏନି, ଆମ ନିଜ ବାହିନୀର ନୈତିକ ମନୋବଳକୁ ମଧ୍ୟ ଢିଲା କରିଦିଏ।

ସର୍ବୋପରି, ସବୁ ଦେଶରେ ସରକାର ଓ ବିରୋଧୀ ଦଳ ରାଷ୍ଟ୍ରୀୟ ସୁରକ୍ଷା ଓ ବିଦେଶ ନୀତି ଉପରେ ଏକମତ। ମାତ୍ର ଭାରତ ଏହାର ବ୍ୟତିକ୍ରମ। ଏହି ପ୍ରକାରର ବାତାବରଣ ଜାତୀୟ ସଙ୍କଳ୍ପକୁ ଢିଲା କରିଦିଏ। ଯୁକ୍ତରାଷ୍ଟ୍ରର ପ୍ରତିରକ୍ଷା ବିଭାଗର ଏକ ରିପୋର୍ଟରେ ସାମ୍ପ୍ରତିକ ପାକିସ୍ତାନ ସନ୍ଦର୍ଭରେ ଜଣେ ଅଫିସର ଲେଖିଥିଲେ, ଏକ ରାଜନୀତି- ରଣନୀତି ମିଶ୍ରଣ ଆବଶ୍ୟକ, ଯାହାକି ପାକିସ୍ତାନକୁ ବାଧ୍ୟ କରିବ ଆତଙ୍କବାଦୀମାନଙ୍କୁ ସାହାଯ୍ୟ ଓ ଆଶ୍ରୟ ନ ଦେବାକୁ। ନହେଲେ ଯୁଦ୍ଧ ସବୁଦିନ ପାଇଁ ଚାଲିଥିବ। ଏହା ଭାରତ ପ୍ରତି ମଧ୍ୟ ପ୍ରଯୁଜ୍ୟ। ■

marshal.panda@yahoo.in

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସ୍ରଷ୍ଟା ରାମଚନ୍ଦ୍ର ମର୍ଦ୍ଦରାଜ

ବସନ୍ତ କୁମାର ସାମନ୍ତ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଯେଉଁ ମହାପୁରୁଷମାନେ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ, ସେମାନଙ୍କ ମଧ୍ୟରେ ରାଜ ବାହାଦୁର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଥିଲେ ଅନ୍ୟତମ। ତାଙ୍କ ବ୍ୟକ୍ତିତ୍ୱର ପଟାନ୍ତର ନାହିଁ। ଏହି ମହାସଂଗ୍ରାମର ଅୟମାରମ୍ଭ ଓ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଜନ୍ମ ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ ସଦୃଶ। ଓଡ଼ିଶାର ରାଜନୈତିକ, ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଧାର୍ମିକ ପରମ୍ପରାକୁ ଋଦ୍ଧିମନ୍ତ କରିବାରେ ଖଲ୍ଲିକୋଟ ମର୍ଦ୍ଦରାଜ ବଂଶର ଭୂମିକା ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଆସିଛି। ଏହିପରି ଏକ ମହାନ ପରମ୍ପରା ବହନ କରୁଥିବା ରାଜବଂଶର ୩୧ତମ ଦାୟାଦ- ରାମଚନ୍ଦ୍ର ୧୩ ଜାନୁଆରୀ, ୧୯୦୦ରେ ରାଜା ହରିହର ଓ ରାଣୀ କନକ ମଞ୍ଜରୀଙ୍କ କୋଳ ମଣ୍ଡନ କରିଥିଲେ। ତାଙ୍କର ଦ୍ୱିତୀୟ ସ୍ୱନକ୍ଷତ୍ର ପାଳନ ଅବସରରେ ପିତା ହରିହର ମର୍ଦ୍ଦରାଜ ଓଡ଼ିଶାର ପ୍ରମୁଖ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରିଥିଲେ ରମ୍ଭା ରାଜପ୍ରାସାଦକୁ। ସେଠାରେ ଆଲୋଚନା ମାଧ୍ୟମରେ ଜନ୍ମ ନେଇଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରିକରଣ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଭିତ୍ତିଭୂମି। ଏହିଠାରେ ହିଁ ଜନ୍ମ ନେଇଥିଲା ଉତ୍କଳ ସମ୍ମିଳନୀ ଯାହାକି ସ୍ୱତନ୍ତ୍ର ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ତେଣୁ ଏତିକି କୁହାଯାଇପାରେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରକ୍ରିୟା ଓ ରାମଚନ୍ଦ୍ରଙ୍କ ଜୀବନ ପ୍ରବାହ ଏକ ସଙ୍ଗେ ଚାଲିଥିଲା।

ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ପିଲାଟି ଦିନରୁ ଥିଲେ ଶାନ୍ତ ଓ ମାର୍ଜିତ। ତା' ସଙ୍ଗେ ସେ ମଧ୍ୟ ଅସ୍ତ୍ର ଚାଳନା ଓ ଯୁଦ୍ଧବିଦ୍ୟାରେ ପାରଙ୍ଗମ ଥିଲେ। ପିତାମାତାଙ୍କ ଏକମାତ୍ର ସନ୍ତାନ ହେବା ସତ୍ତ୍ୱେ ସେ ଅତି ମାତ୍ରାରେ ଅଲିଅଳ ନଥିଲେ। ମାତ୍ର ୯ ବର୍ଷ ବୟସରେ ତାଙ୍କର ପିତୃ ବିୟୋଗ ଘଟିଥିଲା। ମାତା କନକ ମଞ୍ଜରୀ ଏବଂ କୋର୍ଟ ଅଫ ୱାର୍ଡସଙ୍କ ତତ୍ତ୍ୱାବଧାନରେ ସେ ମାଦ୍ରାଜଠାରେ ମାଧ୍ୟମିକ ଓ ଉଚ୍ଚଶିକ୍ଷା କୃତିତ୍ୱର ସହ ସମ୍ପନ୍ନ କରିଥିଲେ। ସେ ଛାତ୍ର ଥିବା ସମୟରେ ୧୯୧୯ରେ ଗଞ୍ଜାମରେ ଅନାବୃଷ୍ଟି ହେତୁ ଦୁର୍ଭିକ୍ଷ ଦେଖା ଦେଇଥିଲା। ଏହି ଖବର ପାଇ ସେ ଅତ୍ୟନ୍ତ ବିଚଳିତ ହୋଇ ପଡ଼ିଥିଲେ ଓ ସଙ୍ଗେ ସଙ୍ଗେ ନିଜ ରାଜ୍ୟକୁ ଫେରିଆସି ଘୋଡ଼ା ପିଠିରେ ବସି ଖାଦ୍ୟକ୍ଲିଷ୍ଟ ଜନସାଧାରଣଙ୍କ ଦୁଃଖ ମୋଚନ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରି ଜନତାଙ୍କ ଶ୍ରଦ୍ଧାଭାଜନ ହୋଇଥିଲେ। ମାଦ୍ରାଜ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ନିଜ ରାଜ୍ୟକୁ ମରୁଡ଼ି ଘୋଷଣା ଏବଂ ସରକାରଙ୍କ ତରଫରୁ ରିଲିଫ୍ ସାହାଯ୍ୟ ଯୋଗାଣ କରିପାରିଥିଲେ। ୧୯୨୧ରେ ସାବାଳକ ରାମଚନ୍ଦ୍ର ଉଚ୍ଚଶିକ୍ଷା ସମାପ୍ତ ପରେ ନିଜ ରାଜ୍ୟର ଶାସନ ଦାୟିତ୍ୱ ବହନ କରିଥିଲେ। ଶାସନ ଭାର ଗ୍ରହଣ କଲା ପରେ ସେ ନିଜ ରାଜ୍ୟ ଖଲ୍ଲିକୋଟ, ଆଠଗଡ଼ ଓ ବିରୁଳି ଗସ୍ତ କରି ଲୋକଙ୍କ ଅସୁବିଧା ବୁଝିଥିଲେ। ସେ ହୃଦୟଙ୍ଗମ କରିଥିଲେ ଯେ ଜଳସେଚନ ଓ ଶିକ୍ଷା ତାଙ୍କ ରାଜ୍ୟବାସୀଙ୍କର ପ୍ରମୁଖ ସମସ୍ୟା। ନିଜ ରାଜ୍ୟରେ ଜଳସେଚନ ସୁବିଧା ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ପୋଖରୀ ଓ କେନାଲ ଏବଂ ଅନେକ କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ଯୋଜନା ଆରମ୍ଭ କରିଥିଲେ। ସେ ସମୟର ଅନେକ ଜଳସେଚନ ପ୍ରକଳ୍ପ ଅଦ୍ୟାବଧି ଗଞ୍ଜାମ ଜିଲାରେ ସୁଚାରୁ ରୂପେ କାର୍ଯ୍ୟକାରୀ ହେଉଛି। ଶିକ୍ଷାର ଉନ୍ନତି ଓ ଅଭିବୃଦ୍ଧି ପାଇଁ ତାଙ୍କ ଶାସନ କାଳରେ ଗଞ୍ଜାମର ବିଭିନ୍ନ ଗ୍ରାମରେ ସଂସ୍କୃତ ଟୋଲ୍‌ମାନ ପ୍ରତିଷ୍ଠା କରାଯାଇଥିଲା। ସେ ଓଡ଼ିଶାରେ ଚିତ୍ରକଳା, ଭାସ୍କର୍ଯ୍ୟ, ସ୍ଥାପତ୍ୟ ବିଦ୍ୟାର ଉତ୍କର୍ଷତା ଆଣିବା ସକାଶେ ଖଲ୍ଲିକୋଟସ୍ଥିତ ନିଜ ଉଆସରେ ଏକ ସରକାରୀ କଳା ଓ ସ୍ଥାପତ୍ୟ ମହାବିଦ୍ୟାଳୟ ୧୯୫୭ରେ ସ୍ଥାପନ କରିଥିଲେ। ସମଗ୍ର ଦକ୍ଷିଣ ଓଡ଼ିଶାରେ ଉଚ୍ଚଶିକ୍ଷାର ପ୍ରସାର ଦିଗରେ ବ୍ରହ୍ମପୁରରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ବିଧାନସଭାରେ ଯୁକ୍ତିଯୁକ୍ତ ତଥା ବଳିଷ୍ଠ ଦାବି ଉପସ୍ଥାପିତ କରିଥିଲେ। ସେ ଓଡ଼ିଶାର ରାଜନୈତିକ ଚିତ୍ରପଟରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଜିଲ୍ଲା ବୋର୍ଡ ସଭାପତି ହିସାବରେ ଗଞ୍ଜାମ ଜିଲ୍ଲାର ସାମଗ୍ରିକ ସମୃଦ୍ଧି ଓ ବିକାଶ ପ୍ରକ୍ରିୟାକୁ ରାଜା ରାମଚନ୍ଦ୍ର ତ୍ୱରାନ୍ୱିତ କରିଥିଲେ। ସେ ମାଦ୍ରାଜ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ର ସଭ୍ୟ ଥିଲେ। ଓଡ଼ିଶା ପ୍ରଦେଶ ଗଠନ ଆରମ୍ଭରୁ ସେ ବିଧାନସଭାର ସଦସ୍ୟ ରହି ଆସିଥିଲେ। ଡକ୍ଟର ହରେକୃଷ୍ଣ ମହତାବଙ୍କ ମନ୍ତ୍ରିମଣ୍ଡଳରେ ସେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ରହିଥିଲେ। ରାଜ୍ୟ ବିଧାନସଭା ଭୁବନେଶ୍ୱରରେ ନିଜ ଅଟ୍ଟାଳିକା ବିଧାନ ସୌଧକୁ ସ୍ଥାନାନ୍ତରିତ ହେବା ପରେ ରାଜା ରାମଚନ୍ଦ୍ର ତାଙ୍କର ରାଜପ୍ରାସାଦରୁ ଏକ ଚୌକି ବାଚସ୍ପତିଙ୍କ ପାଇଁ ଦାନ କରିଥିଲେ। ବର୍ତ୍ତମାନ ବାଚସ୍ପତି ସେହି ଚୌକିରେ ବସି ବିଧାନସଭାର କାର୍ଯ୍ୟ ପରିଚାଳନା କରୁଛନ୍ତି। ୧୯୪୧ରୁ ୧୯୪୫ ଯାଏ ଜାତୀୟ ପ୍ରତିରକ୍ଷା ପରିଷଦରେ ଭାରତର ଭାଇସ୍‌ରୟଙ୍କ ମନୋନୀତ ସଭ୍ୟ ଭାବେ, ୧୯୪୫ରୁ ୧୯୫୦ ଯାଏ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭାର ସଦସ୍ୟ ମନୋନୀତ ହୋଇ ସେ କାର୍ଯ୍ୟ ସମ୍ପନ୍ନ କରିଥିଲେ।

ଜନ୍ମତିଥି ଉପଲକ୍ଷେ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ରାମଚନ୍ଦ୍ରଙ୍କ ଅବଦାନ ଯଥେଷ୍ଟ। ନିଜ ଜମିଦାରୀର ଶାସନ ଦାୟିତ୍ୱ ନେବା ଦିନଠାରୁ ୧୯୩୬ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ କରି ଚାଲିଥିଲେ ରାଜା ରାମଚନ୍ଦ୍ର। ୧୯୩୨ରେ ମାଦ୍ରାଜ ବିଧାନ ପରିଷଦରେ ଓଡ଼ିଆଙ୍କ ଦାବି ସେ ଉପସ୍ଥାପନ କରିଥିଲେ। ସେହି ବର୍ଷ ସେ ଲଣ୍ଡନଠାରେ ତୃତୀୟ ଗୋଲ୍‌ଟେବୁଲ ବୈଠକରେ ଯୋଗ ଦେଇ ଗୁରୁତ୍ୱପୂର୍ଣ୍ଣ ଭାଷଣ ପ୍ରଦାନ କରିଥିଲେ। ଏହି ବୈଠକରେ ଭାରତ ସଚିବ ସାର୍ ସାମୁଏଲ ହୋର୍ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଘୋଷଣା କରିଥିଲେ। ପୁନଶ୍ଚ, ୧୯୩୩ ମସିହାରେ ଯୁଗ୍ମ ପାର୍ଲାମେଣ୍ଟାରୀ କମିଟିରେ ସାକ୍ଷ୍ୟ ଦେବା ପାଇଁ ରାଜା ରାମଚନ୍ଦ୍ର ଲଣ୍ଡନ ଯାତ୍ରା କରିଥିଲେ। ଏହି କମିଟି ସମ୍ମୁଖରେ ପାରଳାଖେମୁଣ୍ଡି, ଜୟପୁର ଆଦି ଓଡ଼ିଆଭାଷୀ ଅଞ୍ଚଳକୁ ଓଡ଼ିଶାରେ ମିଶ୍ରଣ ପାଇଁ ବଳିଷ୍ଠ ଓ ଅକାଟ୍ୟ ଯୁକ୍ତି ଉପସ୍ଥାପନ କରିଥିଲେ ରାଜା ରାମଚନ୍ଦ୍ର। ଏହି ଦୀର୍ଘ ବର୍ଷର ଚେଷ୍ଟା ଓ ସଂଗ୍ରାମର ଫଳ ସ୍ୱରୂପ ୧୯୩୬ ଏପ୍ରିଲ ୧ରେ ଉତ୍କଳ ପ୍ରଦେଶ ଗଠନ ହୋଇଥିଲା, ଯାହାକି ତତ୍କାଳୀନ ଭାରତର ଏକାଦଶ ପ୍ରଦେଶ ଥିଲା। ୧୯୩୬ ଏପ୍ରିଲ ପହିଲାରୁ ୧୯୩୭ ମସିହା ମାର୍ଚ୍ଚ ୩୧ ତାରିଖ ଯାଏ ରାଜା ରାମଚନ୍ଦ୍ର ଓଡ଼ିଶା ପ୍ରଶାସନ ସକାଶେ ଗଠିତ ଉପଦେଷ୍ଟା ପରିଷଦର ସଦସ୍ୟ ଥିଲେ। ସେହି ବର୍ଷ ଜୁନ୍ ୨୩ ତାରିଖରେ ଭାରତର ଭାଇସ୍‌ରୟ ଏବଂ ଗଭର୍ଣ୍ଣର ଜେନେରାଲ ବ୍ୟକ୍ତିଗତ ବୈଶିଷ୍ଟ୍ୟ ପାଇଁ ରାଜା ରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ ରାଜବାହାଦୁର ଉପାଧି। ଏହି ମହାନ ବ୍ୟକ୍ତିଙ୍କ ପରଲୋକ ଘଟିଥିଲା ଜାନୁଆରୀ ୧୯୬୩ରେ, ବ୍ରହ୍ମପୁରରେ। ଏହି ଜନନାୟକଙ୍କ ପୁଣ୍ୟ ଜନ୍ମତିଥିରେ ରାଜ୍ୟବାସୀଙ୍କ ସହ ଲେଖକଙ୍କର ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି। ■

ପୂର୍ବତନ ଅଧ୍ୟକ୍ଷ, ଆର୍‌ସିଏମ୍ ବିଜ୍ଞାନ ମହାବିଦ୍ୟାଳୟ
ନେହରୁ ପାର୍କ, ହିଲ୍‌ପାଟଣା, ବ୍ରହ୍ମପୁର
ମୋ: ୯୪୩୭୯୪୫୫୨୦

NITIDIN
ନିତିଦିନ
ଶନିବାର, ୧୩ ଜାନୁଆରୀ ୨୦୧୮

ଆଧାରରେ ସୁଧାର

ଆଧାର ବ୍ୟବସ୍ଥାରେ ଥିବା ଦୁର୍ବଳତା ତଥା ଗୋପନୀୟତା ପ୍ରତି ରହିଥିବା ବିପଦ ସମ୍ବନ୍ଧରେ ଅନେକ ସମାଲୋଚନା ହେବା ପରେ ଗତ ବୁଧବାର ଦିନ ୟୁଆଇଡିଏଆଇ (ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ) ଏକ ନୂଆ ପଦ୍ଧତିର ପ୍ରଚଳନ କରିବାକୁ ଆଗେଇ ଆସିଛନ୍ତି। ଏହି ପଦ୍ଧତିର ନାମ ହେଉଛି 'ଭର୍ଚୁଆଲ୍ ଆଇଡି'। ଏହା ୧୨ ଡିଜିଟ୍ ଆଧାର ନମ୍ବର ପରିବର୍ତ୍ତେ ୧୬ ଡିଜିଟ୍‌ର ଏକ ରାଣ୍ଡମ୍ ନମ୍ବର ହେବ ଯାହାକୁ ନିଜର ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ବ୍ୟବହାରକାରୀଙ୍କୁ ପ୍ରଦାନ କରାଯାଇ ପାରିବ। ଆଧାର ପାଇଁ ସଂଗୃହୀତ ତଥ୍ୟାବଳୀଗୁଡ଼ିକର ଗୋପନୀୟତାକୁ ବଜାୟ ରଖିବା ଏକ ବଡ଼ ପ୍ରସଙ୍ଗ ଭାବେ ଉଭା ହୋଇଥିବା ବେଳେ ନିକଟରେ ଏକ ଗଣମାଧ୍ୟମ ଦ୍ୱାରା ଏହାର ଅପବ୍ୟବହାର ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇବା ଏବଂ ସେହି ଗଣମାଧ୍ୟମ ବିରୋଧରେ ଆଧାର କର୍ତ୍ତୃପକ୍ଷ ଏଫ୍‌ଆଇଆର୍ ରୁଜୁ କରିବା ଅନେକଙ୍କୁ କ୍ଷୁବ୍ଧ କରିଥିଲା। ତେବେ ସମସ୍ତ ଆଶା ଆଶଙ୍କାର ଅନ୍ତ ଘଟାଇବା ନିମନ୍ତେ ୟୁଆଇଡିଏଆଇ ସମ୍ପ୍ରତି ଏଭଳି ବ୍ୟବସ୍ଥା କରିବାକୁ ଆଗେଇ ଆସିଛନ୍ତି। ବିଳମ୍ବରେ ହେଲେ ବି କର୍ତ୍ତୃପକ୍ଷଙ୍କର ଏହା ଏକ ସାଧୁ ଉଦ୍ୟମ। ଏହି ନୂଆ ଆଇଡିଟି ପ୍ରାୟତଃ ବ୍ୟାଙ୍କର ଏଟିଏମ୍ କାର୍ଡ୍ ବ୍ୟବହାର ପାଇଁ ପ୍ରଦତ୍ତ ଓଟିପି (ୱାନ୍ ଟାଇମ୍ ପାସ୍‌ୱାର୍ଡ) ଭଳି। ଏହା ସେବା ପ୍ରଦାନକାରୀଙ୍କର ଯେତିକି ତଥ୍ୟ ଆବଶ୍ୟକ, କେବଳ ସେତିକି ହିଁ ପ୍ରଦାନ କରିବ ଏବଂ ଯେହେତୁ ଏହା କୌଣସି ନାଗରିକଙ୍କ ସମ୍ବନ୍ଧରେ ମୂଳ କାର୍ଡର ନମ୍ବର ଭଳି ସବୁ ତଥ୍ୟ ପ୍ରଦାନ କରିବ ନାହିଁ, ତେଣୁ ସେବା ପ୍ରଦାନକାରୀ ନାଗରିକଙ୍କ ବିଷୟରେ ସବୁକିଛି ଜାଣିବା ସମ୍ଭବପର ହେବନାହିଁ। ଫଳରେ ମୂଳ ଆଧାର ତଥ୍ୟରେ ରହିଥିବା ବ୍ୟକ୍ତିବିଶେଷଙ୍କର ସମସ୍ତ ସାମାଜିକ ଏବଂ ଅର୍ଥନୀତିକ ତଥ୍ୟଗୁଡ଼ିକରୁ ଅଧିକାଂଶ ଏଣିକି ଗୋପନୀୟ ରହି ପାରିବ। ମୂଳ ଆଧାର ନମ୍ବର ଦ୍ୱାରା ଏସବୁ ଜାଣିବା ସମ୍ଭବପର ହୋଇପାରୁ ଥିବାରୁ ବ୍ୟକ୍ତିବିଶେଷ ବଡ଼ଭାଇପଣିଆର ଶିକାର ହେବାର ସମ୍ଭାବନା ରହୁଥିଲା ଯାହା ଏକ ଗଣତାନ୍ତ୍ରିକ ସମାଜରେ ବ୍ୟକ୍ତିଙ୍କୁ ସ୍ୱାଧୀନ ହେବାର ଅନୁଭୂତି ପ୍ରଦାନ କରୁନଥିଲା। ଏହି ଭର୍ଚୁଆଲ୍ ନମ୍ବର ଫଳରେ ଆଶା କରାଯାଇ ପାରିବ ଯେ ଆଧାର ଡାଟାବେସ୍ ଏଣିକି ସୁରକ୍ଷିତ ରହିବ ଏବଂ ବିଭିନ୍ନ ପରିସର ସହିତ ଏହାର ସମ୍ପର୍କର ଅପବ୍ୟବହାର ହେବନାହିଁ। ଭର୍ଚୁଆଲ୍ ଆଇଡି ଏବଂ କେୱାଇସି ବ୍ୟବହାର ପ୍ରଥମ ଫିଲ୍‌ଟର୍ ବା ପରିଷ୍କାରକ ହୋଇଥିବାରୁ ତଥ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି ବୋଲି ଆମକୁ ନିଶ୍ଚିତ ହେବାକୁ ପଡ଼ିବ। ଗୋପନୀୟତା ସୁରକ୍ଷାର ଅର୍ଥ ନୁହେଁ ଯେ ତଥ୍ୟ ସଂଗ୍ରହ, ତା'ର ଗଚ୍ଛିତକରଣ ବା ବ୍ୟବହାର ହେବନାହିଁ। ସେବା ପ୍ରଦାନ କରିବା ନିମନ୍ତେ ତଥା ସେବା ପାଉଥିବା ବ୍ୟକ୍ତିଙ୍କ ନିକଟରେ ତାହାର ଲାଭ ପହଞ୍ଚାଇବା ସମ୍ପର୍କରେ ନିଶ୍ଚିତ ହେବା ପାଇଁ ଡାଟା ଭଣ୍ଡାରର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ତହିଁରେ କାହାର ସନ୍ଦେହ ନାହିଁ। କିନ୍ତୁ ଡାଟା ବା ତଥ୍ୟଗୁଡ଼ିକର ଯେଉଁଥିପାଇଁ ଆବଶ୍ୟକତା ରହିଛି, ତା' ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଯେପରି ବ୍ୟବହାର ହୋଇ ପାରିବ ନାହିଁ, ଏମିତିକି ତଥ୍ୟକୁ ପରିଚାଳନା କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ମଧ୍ୟ, ସେ ସମ୍ପର୍କରେ ନିଶ୍ଚିତ ହେବା ପାଇଁ ଏକ ସୁରକ୍ଷା ପ୍ରଦାନକାରୀ ବ୍ୟବସ୍ଥା କରାଯିବାର ମଧ୍ୟ ଆବଶ୍ୟକତା ରହିଛି। ତେଣୁ ତଥ୍ୟର ବ୍ୟବହାର ସହିତ ଏକ ଇନ୍‌ବିଲ୍ଟ ବା ଆନ୍ତଃନିର୍ମିତ ଅଧିକରଣ ପ୍ରକ୍ରିୟା ସଂଯୁକ୍ତ ହେବା ସହିତ ସେଗୁଡ଼ିକର ସୁରକ୍ଷା ପାଇଁ ଆଇନ୍‌ଗତ ବ୍ୟବସ୍ଥା ରହିବା ଉଚିତ।

ଭର୍ଚୁଆଲ୍ ନମ୍ବରଦ୍ୱାରା ପ୍ରଥମ ପର୍ଯ୍ୟାୟର ଫିଲ୍‌ଟର୍ କାର୍ଯ୍ୟକାରୀ ହେଲେ ସୁଦ୍ଧା ନିର୍ଦ୍ଦିଷ୍ଟ କୋଡ୍ ବ୍ୟବସ୍ଥା ହୋଇ ନଥିବାରୁ ତଥ୍ୟ ପ୍ରଦାନ ବ୍ୟବସ୍ଥାରେ ବେଶ୍ କିଛି ପ୍ରାଚୀନ ତଥ୍ୟ ପ୍ରଘଟ ହୋଇ ପାରିବାର ସମ୍ଭାବନା ରହିବ। ଉଲ୍ଲେଖନୀୟ ଯେ ଗୋପନୀୟତାର ଅଧିକାର ହାସଲକୁ ବିଦ୍ରୋହ ଭାବରେ ଦେଖାଯିବା ଉଚିତ ନୁହେଁ, ବରଂ ଏହାକୁ ବ୍ୟକ୍ତିଗତ ନିରାପତ୍ତା ବା ସୁରକ୍ଷା ଭାବରେ ବିବେଚନା କରାଯିବା ଉଚିତ। ତେଣୁ କୌଣସି ପ୍ରକାରର ତଥ୍ୟ କିପରି ପ୍ରଘଟ ନହେବ, ତା'ର ବ୍ୟବସ୍ଥା ସମ୍ପୃକ୍ତ ସଂସ୍ଥା କରିବା ଉଚିତ। ସଙ୍ଗେ ସଙ୍ଗେ ଲୋକମାନେ ଆଧାରକୁ ଏକ ଦମନକାରୀ ଉପକରଣ ଭାବୁ ଥିବାରୁ ସରକାର ସେପରି ଭାବନାକୁ ଦୂର କରିବା ଉଚିତ। ଆଧାର କାର୍ଡ ନଥିବାରୁ ରୋଗୀମାନେ କିପରି ଡାକ୍ତରଖାନାରେ ବା ଗରିବ ଲୋକମାନେ ସେମାନଙ୍କ ରାସନ ପାଇବାରୁ ବଞ୍ଚିତ ହୋଇଛନ୍ତି, ଇତି ମଧ୍ୟରେ ସେ ସମ୍ବନ୍ଧିତ ସମ୍ବାଦମାନ ଅନେକବାର ପ୍ରକାଶ ପାଇଛି। ଏହା ଯେପରି ନହୁଏ, ସେ ସମ୍ବନ୍ଧରେ ମଧ୍ୟ ୟୁଆଇଡିଏଆଇ ନିଶ୍ଚିତ କରାଇବାର ଆବଶ୍ୟକତା ରହିଛି। ■

ପୁନଶ୍ଚ ଚଉରାଅଶୀ

୧୯୮୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ହତ୍ୟା ପରେ ହୋଇଥିବା ଶିଖ୍- ବିରୋଧୀ ଦଙ୍ଗା ସମ୍ପର୍କିତ ୧୮୬ଟି ମାମଲାର ତଦନ୍ତ କରିବା ନିମନ୍ତେ ସୁପ୍ରିମକୋର୍ଟ ନିଜର ଏକ ନୂଆ ତିନିଜଣିଆ ଏସ୍‌ଆଇଟି (ସ୍ପେଶିଆଲ ଇନ୍‌ଭେଷ୍ଟିଗେସନ୍ ଟିମ୍- ବିଶେଷ ତଦନ୍ତକାରୀ ଦଳ) ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦଙ୍ଗାରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରମାନଙ୍କ ପାଇଁ ନ୍ୟାୟିକ ହସ୍ତକ୍ଷେପ ଯେ ନ୍ୟାୟ ପ୍ରଦାନ କରିବ, ଏପରି ଧାରଣାଟିଏ ହେବା ସ୍ୱାଭାବିକ। ପୂର୍ବରୁ ଏହି ମାମଲାଗୁଡ଼ିକ ଏସବୁର ତଦନ୍ତ ନିମନ୍ତେ ଗଠିତ ହୋଇଥିବା ଏସ୍‌ଆଇଟିଦ୍ୱାରା କୌଣସି ପ୍ରକାରର ତଦନ୍ତ କରା ନଯାଇ ବନ୍ଦ କରି ଦିଆଯାଇଥିଲା। ଦୀର୍ଘ ୩୩ ବର୍ଷ ପରେ ତେଣୁ ତଦନ୍ତରୁ ଯେ ଅଧିକ କିଛି ଆଶା କରାଯାଇ ପାରିବ, ତହିଁରେ ସନ୍ଦେହ ରହିଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ତଦନ୍ତକାରୀମାନଙ୍କ ଅବହେଳାର ଶିକାର ହୋଇ ଆସିଥିବା ଏହି ମାମଲାଗୁଡ଼ିକ ଉପରେ ତଦନ୍ତ କରାଯିବା ଉଚିତ, କାରଣ ସେ ସମୟରେ ଏହି ଦଙ୍ଗାରେ ନିହାତି କମ୍‌ରେ ୩,୩୨୫ ଲୋକ ହତ୍ୟାର ଶିକାର ହୋଇଥିବା ବେଳେ କେବଳ ଦିଲ୍ଲୀରେ ହିଁ ପ୍ରାୟ ୨,୭୩୩ ଜଣ ମୃତ୍ୟୁବରଣ କରିଥିଲେ। ପରିତାପର ବିଷୟ, ଘଟଣାଗୁଡ଼ିକର ତଦନ୍ତ କରିବା ନିମନ୍ତେ ୧୨ଟି କମିଟି ନିଯୁକ୍ତ ହୋଇଥିଲେ ବି ଏଯାବତ୍ ପୀଡ଼ିତମାନେ କ୍ୱଚିତ୍ ନ୍ୟାୟ ପାଇଛନ୍ତି ବୋଲି କହିହେବ। ତେଣୁ ସମ୍ପ୍ରତି ଗଠିତ ଏସ୍‌ଆଇଟି କେତେଦିନ ପର୍ଯ୍ୟନ୍ତ ତଦନ୍ତ ଚାଲୁ ରଖିବ ବା ସୁପ୍ରିମକୋର୍ଟ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ସ୍ୱଚ୍ଛତାର ସହିତ ତଦନ୍ତ କରି ତା'ର ଫଳାଫଳ ପ୍ରକାଶ କରିବାର ସମ୍ଭାବନା ବାଦ୍ ଯେଉଁ ବଡ଼କଥାଟି ଉପରେ ଗୁରୁତ୍ୱ ଦିଆଯିବା କଥା, ତାହା ହେଉଛି- ପୀଡ଼ିତମାନଙ୍କ ପରିବାରବର୍ଗ ପର୍ଯ୍ୟାପ୍ତ ପରିମାଣରେ କ୍ଷତିପୂରଣ ପାଇବା ସମ୍ପର୍କରେ ନିଶ୍ଚିତ ହେବା। ଦଙ୍ଗା କ୍ଷତିଗ୍ରସ୍ତ ସମ୍ପ୍ରଦାୟଙ୍କ ମନରୁ ଦୁଃଖକୁ ପୋଛିଦେବା ପାଇଁ କେବଳ କ୍ଷମା ପ୍ରାର୍ଥନା ହିଁ ଯଥେଷ୍ଟ। କିନ୍ତୁ ସେମାନଙ୍କ କ୍ଷତିକୁ ଭରଣା କରିବା ନିମନ୍ତେ ସେମାନଙ୍କୁ ଯଥେଷ୍ଟ ପରିମାଣର କ୍ଷତିପୂରଣ ଓ କର୍ମନିଯୁକ୍ତି ଯୋଗାଇ ଦିଆଯିବାର ଆବଶ୍ୟକତା ରହିଛି। ଆଉ ଏହା ବାସ୍ତବ କ୍ଷେତ୍ରରେ ହେଉଛି କି ନାହିଁ, ସେଥିପ୍ରତି ସରକାର ତୀକ୍ଷ୍ଣ ଦୃଷ୍ଟି ଦେବା ଉଚିତ। ଇତିହାସକୁ ନେଇ ହୁଏତ ରାଜନୀତି ବେଶ୍ କିଛିକାଳ ପର୍ଯ୍ୟନ୍ତ ଚାଲୁ ରହିପାରେ, କିନ୍ତୁ ଏହା ପୀଡ଼ିତମାନଙ୍କୁ ନ୍ୟାୟ ପ୍ରଦାନ କରିବା ପଥରେ ଅନ୍ତରାୟ ନହେବା ବିଧେୟ। ■

ସମ୍ପାଦକଙ୍କୁ ପତ୍ର

ଧର୍ମନିରପେକ୍ଷତାର ଉଦାର ଦୃଷ୍ଟିକୋଣ

କେରଳର ଅତୀତରେ ହିନ୍ଦୁ ପରିବାର ଦୁହିତା ଓ ପରିବାରଠାରୁ ଦୂରରେ ରହି ଛାତ୍ରାବାସରେ ଅଧ୍ୟୟନରତା ଛାତ୍ରୀ ହାଦ୍ଦିଆ (ଧର୍ମ ପରିବର୍ତ୍ତନ ପରବର୍ତ୍ତୀ ନୂତନ ନାମ) ତାଙ୍କ ମୁସଲମାନ ପ୍ରେମିକ ସଫିନ୍ ଜହାନ୍‌ଙ୍କ (ପ୍ରେମ) ବିବାହକୁ କେନ୍ଦ୍ରକରି ପ୍ରେମ ବାହାନାରେ ଧର୍ମ ପରିବର୍ତ୍ତନ ଓ ହିନ୍ଦୁ ଯୁବତୀଙ୍କୁ ମୁସଲମାନ ଯୁବକମାନେ ବିବାହ କରୁଥିବା ଘଟଣା (ଲଭ୍ ଜିହାଦ୍) ବିବାଦାସ୍ପଦ ପ୍ରସଙ୍ଗ ସାଂପ୍ରତିକ ସମାଜରେ। ଏ ପ୍ରସଙ୍ଗରେ ଏତାଦୃଶ ବିବାହକୁ ବିରୋଧ କରୁଥିବା ହିନ୍ଦୁ ପିତାମାତା, ପରିବାର, ପଡ଼ୋଶୀ, ସମାଜ ଓ ବ୍ୟକ୍ତିବିଶେଷଙ୍କୁ ରକ୍ଷଣଶୀଳ ଧର୍ମାନ୍ଧ ଓ ଅନ୍ୟ ଧର୍ମବିରୋଧୀ ବୋଲି ଆଖ୍ୟା ଦିଆଯାଇ ନିନ୍ଦା କରାଯାଉଛି। ମୋଟାମୋଟି ଭାବେ ଆମ ବିଚାର ବ୍ୟବସ୍ଥା (ନ୍ୟାୟପାଳିକା) ଧର୍ମ ନିରପେକ୍ଷତାକୁ ସମ୍ମାନ ପ୍ରଦର୍ଶନ କରି ଏତାଦୃଶ ସମ୍ବେଦନଶୀଳ ଘଟଣା ସବୁକୁ କୋମଳ ମନୋଭାବ ପୋଷଣ କରୁଥିବା ଦେଖାଯାଉଛି। ବରଂ ଏସବୁକୁ ବିରୋଧ କରୁଥିବା ପିତାମାତା, ପରିବାରର ସଦସ୍ୟ କିମ୍ବା ପଡ଼ୋଶୀଙ୍କୁ ସ୍ଥାନୀୟ ଥାନା ଅଧିକାରୀ ନିଜଆଡୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି (ସୋ'ମୋଟୋ) ଜାମିନ୍ ବିହୀନ ପରୱାନା ଜାରିକରି ଏମାନଙ୍କୁ 'ଗୋଡ଼ାଇ ଗୋଡ଼ାଇ' ଗିରଫ କରିନେବା ଲାଗି କିଛି ବର୍ଷ ପୂର୍ବେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ମୁକ୍ତ ଆଦେଶନାମା ଦେଇଥିବା ଉଲ୍ଲେଖଯୋଗ୍ୟ। ଆମ ଗଣମାଧ୍ୟମ, ରାଜନୈତିକ ନେତୃବୃନ୍ଦ ଓ ବ୍ୟକ୍ତିବିଶେଷ, ସ୍ତମ୍ଭକାର ଓ ବିଦ୍ୱାନମାନଙ୍କର ଏ ବଳିଷ୍ଠତମ ଅନୁପାତ ଏସବୁ ଘଟଣାକୁ ସମର୍ଥନ ଜ୍ଞାପନ କରି ସ୍ୱ ସ୍ୱ ମନ୍ତବ୍ୟ, ମତାମତ, ସ୍ତମ୍ଭ ଲିଖନ, ପ୍ରବନ୍ଧ ଅଥବା ଆଲୋଚନା ସବୁରେ ଦୃଢ଼ ମତବ୍ୟକ୍ତ କରୁଥିବା ଦେଖାଯାଉଛି। ଏମିତି ମନେହେଉଛି- ଏସବୁ ପଢ଼ିବା, ଶୁଣିବା ଓ ଦେଖିବା ପରେ ସତେ ଯେମିତି କିଛି ଘଟିନାହିଁ ବା ଘଟୁନାହିଁ। ତେବେ ଏଠାରେ ଗୋଟିଏ ଯୁକ୍ତି ମନକୁ ଆସୁଛି। ଧର୍ମ ନିରପେକ୍ଷତାର ଉଦାର ଦୃଷ୍ଟିକୋଣରେ ସମ୍ପୃକ୍ତ ଝିଅଟିର ଧର୍ମ ପରିବର୍ତ୍ତନଟି ନିହାତି ବାସ୍ତବ, ସ୍ୱାଭାବିକ, ଗ୍ରହଣୀୟ ବ୍ୟକ୍ତି ସ୍ୱତନ୍ତ୍ରତା ଓ ସ୍ୱାଧୀନ ବିଚାରଧାରା ଓ ପସନ୍ଦ ବୋଲି ମୂଲ୍ୟାଙ୍କନ କରାଯାଉଥିବା ବେଳେ ପୁଅଟିର ଧର୍ମଧାରା ବିଚାର ପରିସର ବାହାର ରହିଯାଉଛି। ଏହା ଧ୍ରୁବ ଓ ଅପରିବର୍ତ୍ତନୀୟ ବସ୍ତୁ ଓ ଆଲୋଚନାର ଊର୍ଦ୍ଧ୍ୱରେ ରହୁଛି କାହିଁକି ? ଆଲୋଚ୍ୟ ହାଦ୍ଦିଆ ଘଟଣାରେ ଯୁବକଟି କାହିଁକି ହିନ୍ଦୁଧର୍ମ ପ୍ରତି ହାଦ୍ଦିଆ ସଦୃଶ ସ୍ୱତଃପ୍ରବୃତ୍ତ ଭାବରେ ଆକର୍ଷିତ ହୋଇପାରିଲା ନାହିଁ ? ସେହି ଯୁବକଟି ନିଜ ଧର୍ମରେ ଓ ଧର୍ମ ପ୍ରତି ବିଶ୍ୱସ୍ତ ଓ ଅନୁରକ୍ତ ରହିବା ପ୍ରସଙ୍ଗଟି ଆଲୋଚନା ପରିସରଭୁକ୍ତ ହେବା ଆବଶ୍ୟକ ରଖୁଛି। ଏକମୁହାଁ ଚଳାଚଳ (ୱାନ୍ ୱେ ଟ୍ରାଫିକ୍)ରେ ସମାଜ ଓ ବିଭିନ୍ନ ଧର୍ମମାନଙ୍କ ମଧ୍ୟରେ ସହନଶୀଳତା ଓ ସମନ୍ୱୟ ପ୍ରତିଷ୍ଠାର ବାତାବରଣର ଓକିଲାତି ରାଷ୍ଟ୍ରୀୟ ସମ୍ବିଧାନ ଓ ସହନଶୀଳତାର ପରିପନ୍ଥୀ। ଯେଉଁ ଦେଶଟିର ଧର୍ମୀୟ ବିଚାରଧାରାରେ ବିଭାଜନ ଘଟିସାରିଛି ଓ ବିଭାଜନ ପରବର୍ତ୍ତୀ ଦୁଇଦେଶ ସମ୍ପର୍କ ତଥାପି ସ୍ୱାଭାବିକ ହୋଇନାହିଁ ସେହି ପୃଷ୍ଠଭୂମିରେ ସଂଖ୍ୟାଲଘୁଙ୍କ ଧର୍ମ ନିରଙ୍କୁଶତା ତୁଳନାରେ ସଂଖ୍ୟାବହୁଳ ଧର୍ମଟିର ସମ୍ବେଦନଶୀଳତାକୁ ଅଣଦେଖା କରାନଯାଉ। ସଂଖ୍ୟାଲଘୁ ଓ ସଂଖ୍ୟାଗରିଷ୍ଠ ଧର୍ମର ନିରଙ୍କୁଶତାକୁ ସମ୍ମାନ ଦିଆଯାଉ।

ରାମକୃଷ୍ଣ ମହାନ୍ତି
କୋଲଥିଆ, ଖଣ୍ଡଗିରି, ଭୁବନେଶ୍ୱର

ଆଳିପିଙ୍ଗଳ-ବାଲିଆ କେନାଲ୍‌ବନ୍ଧ ରାସ୍ତାର ଦୁରବସ୍ଥା କେବେ ?

ଜଗତ୍‌ସିଂହପୁରସ୍ଥ ଆଳିପିଙ୍ଗଳ-ବାଲିଆ କେନାଲ୍ ବନ୍ଧ ରାସ୍ତା ଥରେ ମାତ୍ର ପିଚୁ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦ୍ୱିତୀୟଥର ପାଇଁ ମରାମତି ହୋଇପାରିନାହିଁ। ଉକ୍ତ ରାସ୍ତାରେ ଚାରିଚକିଆ ଯାନ ଯିବାତ ଦୂରର କଥା, ଦୁଇଚକିଆ ଯାନ ଯାତାୟାତ କରିବା ଅସମ୍ଭବ ହୋଇପଡ଼ିଛି। ଆଉ ମଧ୍ୟ ଚଳିତ ବର୍ଷ ଉକ୍ତ ରାସ୍ତାର ମଧ୍ୟଭାଗକୁ ଦେବୀ ନଦୀ ଉପରେ କୁଳଶ୍ରୀ-ବଡ଼ମୁଣ୍ଡିଲୋ/ପାଟେଣିଗାଁ ସେତୁ ସଂଯୋଗ କରିଛି। ଯାହାଫଳରେ ଲୋକମାନେ ଉକ୍ତ ସେତୁ ମାଧ୍ୟମରେ କଟକ, ଭୁବନେଶ୍ୱରକୁ ସୁବିଧାରେ ଯାତାୟାତ କରୁଛନ୍ତି। ଏଣୁ ଜିଲ୍ଲାପାଳ ଉକ୍ତ ଆଳିପିଙ୍ଗଳ-ବାଲିଆ ରାସ୍ତାର ମରାମତି ପାଇଁ ସୁ-ବ୍ୟବସ୍ଥା କଲେ ଲୋକମାନଙ୍କର ଯାତାୟାତ ପାଇଁ କୌଣସି ଅସୁବିଧା ହେବନାହିଁ।

ଦିଲ୍ଲୀପ କୁମାର ମହାପାତ୍ର
ବଡ଼ମୁଣ୍ଡିଲୋ, ଜଗତ୍‌ସିଂହପୁର

ସୁପ୍ରିମକୋର୍ଟର କଟକଣା ସ୍ୱାଗତଯୋଗ୍ୟ

୪୯୮(ଏ) ଧାରାର ଗୁରୁତ୍ୱ ଯଥେଷ୍ଟ ରହିଛି। ଅନେକ କ୍ଷେତ୍ରରେ ଏହାର ସଦୁପଯୋଗ ହେଲାବେଳେ ଏହାକୁ ଢାଲକରି ଏହି ଆଇନର ଦୁରୁପଯୋଗ କରିବାକୁ କେତେକ ଅପଚେଷ୍ଟା କରିଥାନ୍ତି। ସବୁ ପୁରୁଷ ଦୋଷୀ ନୁହନ୍ତି ବା ସବୁ ମହିଳା ନିର୍ଦ୍ଦୋଷ ନୁହନ୍ତି। ନାରୀ ହେଉଛି ସୃଷ୍ଟିକର୍ତ୍ତାଙ୍କ ସୁନ୍ଦର ରୂପ। ପୁରୁଷଙ୍କ ଉନ୍ନତିରେ ସେମାନଙ୍କ ଅବଦାନ ଅତୁଳନୀୟ। ପୁନଶ୍ଚ ନାରୀ ଓ ପୁରୁଷ ପରସ୍ପର ପରିପୂରକ, ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। କେତେକ ଦୁଷ୍ଟାଚାରୀ ବିଭିନ୍ନ କାରଣରୁ ଆଇନକୁ ଢାଲ କରି ପୁରୁଷକୁ ନିର୍ଯାତନା କରିଥାନ୍ତି। ସେ କ୍ଷେତ୍ରରେ ପୁରୁଷର ପୌରୁଷ, ଆତ୍ମସମ୍ମାନ ଓ ସାମାଜିକ ମର୍ଯ୍ୟାଦା ଉପରେ ଆଞ୍ଚ ଆସେ। ବିଚାରା ପୁରୁଷଟି ନିର୍ଯାତନା ଓ ଆଇନର ପଶାକାଠି ଭିତରେ ଛନ୍ଦି ହୋଇ ସନ୍ତୁଳିତ ହୋଇଥାଏ। ଏ କ୍ଷେତ୍ରରେ ୪୯୮ (ଏ)ଧାରାର ସଂଶୋଧନ ନିହାତି ଜରୁରି ଏହା ହେଲେ ଯେଉଁ କ୍ଷେତ୍ରରେ ପୁରୁଷ ପ୍ରତି ମହିଳାର ମିଥ୍ୟା ଆରୋପ ହେଉଛି ତାହାକୁ ନିୟନ୍ତ୍ରଣ କରାଯାଇ ପାରିବ। ଆଇନର ଦୁରୁପଯୋଗ ନହେବା ପାଇଁ ସୁପ୍ରିମକୋର୍ଟର କଟକଣା ସ୍ୱାଗତଯୋଗ୍ୟ।

ରମେଶ ଦତ୍ତ
କଲ୍ୟାଣୀନଗରୀ, ଭଦ୍ରକ

ଅନୁରୋଧ

ଏହି ସ୍ତମ୍ଭରେ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ଆପଣଙ୍କ ସୁଚିନ୍ତିତ ମତ ଓ ମନ୍ତବ୍ୟ ନିମ୍ନରେ ଥିବା ଆମ ଠିକଣାରେ ପଠାଇବାକୁ ଅନୁରୋଧ।

- ସମ୍ପାଦକ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', ପ୍ଲଟ୍ ନଂ-୬୮୭/୩୭୪୫, ଏକାମ୍ରକାନନ, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫, e-mail: nitidinedit@gmail.com